## କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ

ଟାଙ୍ଗୀ(କଟକ),(ଡି.ଏନ୍.ଏ): କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳୀସ୍ଥିତ ଓସିଏଲ ସିମେଣ୍ଟ କାରଖାନାର କର୍ମଚାରୀ ଅଶୋକ ବାରିକ(୩୮)ଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ସଂକ୍ରମିତ ହେବା ପରେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତକ ଜଣକ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଗତ ୬ବର୍ଷ ହେବ ସେ ଓସିଏଲରେ ଚାକିରି କରୁଥିଲେ। ତାଙ୍କ ମୃତ୍ୟୁରେ କାରଖାନା ମୁଖ୍ୟ ନିର୍ବାହୀ ନିର୍ଦ୍ଦେଶକ ରାମ ଅବତାର ଶର୍ମା ଶୋକବ୍ୟକ୍ତ କରିଛନ୍ତି।

# ଜୁଆ ଆଡ୍ଡାରୁ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ନିଆଳି,୧୨।୪(ଡି.ଏନ୍.ଏ.)**

ନିଆଳି ଥାନା ବିନିସପୁର ପଞ୍ଚାୟତ ଦେବୀପାଟଣା ଜଙ୍ଗଲରେ ଚାଲିଥିବା ଜୁଆଆଡ୍ଡା ଉପରେ ରବିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ହେଲେ ସୋମବାର ସେହି ସ୍ଥାନରେ ଏକ ମୃତଦେହ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚି ଜବତ କରିଛି। ସେ ହେଲେ ପୁରୀ ଜିଲା କାକଟପୁର ଥାନା ଶ୍ରୀଚନ୍ଦନପୁର ବାଗୁରୀଗାଁର ମାଧବ ପାତ୍ର (୫୦)। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପି. କେ. ଜେନା ସୂଚନା ଦେଇଛନ୍ତି। ଅନ୍ୟପଟେ ମାଧବଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଆସି ତାଙ୍କୁ କେହି ହତ୍ୟା କରିଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଛନ୍ତି।

■ଚଢ଼ାଉବେଳେ ୧୧ ଗିରଫ

■୧୪ ବାଇକ୍, ୧୪ ମୋବାଇଲ ଓ ୨୫୦୦ ଟଙ୍କା ଜବତ

ସୂଚନା ଅନୁଯାୟୀ, ଦେବୀପାଟଣା ଜଙ୍ଗଲରେ ଦୀର୍ଘମାସ ହେବ ଜୁଆ ଖେଳ ହୋଇ ଆସୁଥିଲା। ରବିବାର ରାତିରେ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୧୧ଜଣଙ୍କୁ ଗିରଫ କରିଥିବାବେଳେ ୧୪ ବାଇକ୍, ୧୪ ମୋବାଇଲ୍, ୨ଟି ସାଇକେଲ ଓ ୨ହଜାର ୫ଶହ ଟଙ୍କା ଜବତ କରିଥିଲା। ସୋମବାର ସକାଳେ ଜୁଆଆଡ୍ଡା ନିକଟରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହ ଜବତ କରିଥିଲା। ପ୍ରକାଶଥାଉ କି, ଦୀର୍ଘଦିନ ଧରି ଏଠାରେ ଜୁଆ ଆଡ୍ଡା ଚାଲିଥିବାବେଳେ ପୋଲିସ୍ କିପରି ଜାଣିପାରୁ ନ ଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ଲୁଚାଛପାରେ ଲୋକମାନେ ଜୁଆ ଖେଳୁଥିଲେ। ଏହି ଘଟଣା ପରେ ଅନ୍ୟ ଜୁଆ ଆଡ୍ଡା ଉପରେ ଜୋରଦାର ଚଢ଼ାଉ ଜାରି ରହିଛି।


ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ ଅବସରରେ ଡ୍ରିମସ ସ୍କୁଲ ଆଣ୍ଡ କଲେଜ ନର୍ସିଂ ପକ୍ଷରୁ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତା।

# ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ: ଶିକ୍ଷକ ନିଲମ୍ବିତ

**କଟକ ଅଫିସ, ୧୨।୪**

ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ମଧୁପାଟଣା ପୋଲିସ ଜଣେ ଗଣିତ ଶିକ୍ଷକଙ୍କୁ ଅଟକ ରଖିଛି। ସେ ହେଲେ ହେମନ୍ତ କୁମାର ବାରିକ(୪୮)। ପରେ ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍କୁଲରୁ ନିଲମ୍ବନ କରାଯାଇଛି। ଜୋନ୍-୬ ଏସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି, ଏହି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ ହେମନ୍ତ ଶିକ୍ଷକତା କରୁଥିବାବେଳେ ଛାତ୍ରୀ ଜଣକ ସେଠାରେ ପଢୁଥିଲେ। ଗତ ଶୁକ୍ରବାର ହେମନ୍ତ ଟ୍ୟୁଶନ ସାରିବା ପରେ ସମ୍ପୃକ୍ତା ଛାତ୍ରୀଙ୍କୁ ଘରେ ଛାଡି ଦେବା ପାଇଁ କହିଥିଲେ। ପରେ କଲେଜ ଛକସ୍ଥିତ ଏକ ହୋଟେଲକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସେଠାରୁ ଖସି ପଳାଇ ଆସିଥିଲେ। ପରଦିନ ସ୍କୁଲରେ ଛାତ୍ରୀଙ୍କୁ ହେମନ୍ତ ଧମକ ଦେବା ସହ ଘଟଣା ସମ୍ବନ୍ଧରେ କାହାରିକୁ ଜଣାଇଲେ ଏସିଡ୍ ପକାଇବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା ମଧୁପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୯/୨୧) ରୁଜୁ କରି ତଦନ୍ତ ଚଳାଇଛି।

■ସ୍କୁଲ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ

ଅନ୍ୟପକ୍ଷରେ ଏହି ଘଟଣାକୁ ବିରୋଧ କରିବା ସହ ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍କୁଲରୁ ନିଲମ୍ବନ କରିବା ଦାବିରେ ପୁରାତନ ଛାତ୍ରମାନେ ସ୍କୁଲ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲରେ ଉଭୟ ଶିକ୍ଷକ ଓ ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଛି।

## ମହିଳାଙ୍କୁ ଅସଦାଚରଣ, ଜ୍ୟୋତିଷୀ ଗିରଫ

**କଣ୍ଟାପଡା,୧୨।୪(ଡି.ଏନ୍.ଏ.)**

ହାତ ଦେଖିବା ଆଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଜ୍ୟୋତିଷୀଙ୍କୁ ଓଲଟପୁର ପୋଲିସ ସୋମବାର ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଅଡ଼ଶପୁରର ଭିକାରୀ ନାୟକ। ଏ ନେଇ ଥାନାରେ କେସ୍ ନଂ. ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ ଟାବେଳେ ନିଜକୁ ଜ୍ୟୋତିଷ ବୋଲାଉଥିବା ଭିକାରୀ ଏହି ଥାନା ଅନ୍ତର୍ଗତ ସଳେଇ ବେଦପୁର ଗ୍ରାମର ରାହୁଲ ପ୍ରଧାନଙ୍କ ସ୍ତ୍ରୀ ସ୍ମିତାରାଣୀଙ୍କ ହାତଦେଖିବା ଆଳରେ ତାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ଘରଲୋକଙ୍କୁ ଜଣାଇଥିଲେ। ଘରଲୋକ ଏକଥା ଜାଣିବାପରେ ଥାନାରେ ଅଭିଯୋଗ କରିଥିଲେ।

## ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ

**କଟକ ଅଫିସ,୧୨।୪**

ସହରରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ସହରବାସୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ରକ୍ଷା ନ କରିବା ଓ ନିୟମଠାରୁ ଅଧିକ ଲୋକଙ୍କ ଉପସ୍ଥିତି ଯୋଗୁ ବିଭିନ୍ନ ଦୋକାନ, ଅନୁଷ୍ଠାନରେ ଚଢାଉ କରାଯାଇ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# କଲୋନୀରେ ପଶି କାର୍ ଜାଳିଦେଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୨ଟି କାର୍‌ରେ ନିଆଁ ଲଗାଇ ଦେଇଛନ୍ତି। ଏହି ଅଗ୍ନିକାଣ୍ଡରେ ଗୋଟିଏ କାର୍ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଉକ୍ତ କାର୍‌ରୁ ନିଆଁ ବ୍ୟାପି ସାମ୍ନାରେ ଥିବା ଅନ୍ୟ ଏକ କାର୍‌ରେ ମଧ ନିଆଁ ଲାଗିଯାଇଥିଲା। ହୁ ହୁ ହୋଇ ଜଳୁଥିବା ଗାଡ଼ିକୁ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ନିଆଁ କାର୍‌ରୁ ବ୍ୟାପି ନିକଟରେ ଥିବା ଏକ ଘରର କବାଟ ଜଳିବା ସହ ଉପରେ ଯାଇଥିବା କେବୁଲ ତାର ମଧ ଜଳିଯାଇଛି। କିଛି ସମୟ ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କେହି ଦୁର୍ବୃତ୍ତ ରାଗରେ କାର୍‌ଗୁଡିକୁ ଜାଳିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା କାର୍‌ଟିର ମାଲିକ ଅଶ୍ୱିନୀ କୁମାର ତ୍ରିପାଠୀ ଓ ଆଂଶିକ ଭାବେ ପୋଡିଥିବା କାର୍(ଓଡି ୦୨ ଏଜେ ୩୯୬୪)ର ମାଲିକ ଜିତେନ୍ଦ୍ର କୁମାର ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ୨ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ଅଶ୍ୱିନୀଙ୍କୁ ମାଡ଼ ମାରିବା ସହ ହାତ ଓ ବେକକୁ କାମୁଡ଼ି ଦେଇଥିଲେ। ଶେଷରେ ଖବର ଯାଇ ଥାନାରେ ପହଞ୍ଚିଥିଲା। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବାର କିଛି ସମୟ ପରେ ଛାଡ଼ି ଦେଇଥିଲା। ଏହି ଘଟଣା ପରେ ମଧ୍ୟରାତ୍ରିରେ କାର୍‌ରେ ନିଆଁ ଲାଗିଥିବାରୁ ପୋଲିସ ତନାଘନା ଆରମ୍ଭ କରିଛି।




# ସଂକ୍ଷେପରେ

## ମନସ୍ତତ୍ତ୍ୱ ବିଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର

**ନିଶିନ୍ତକୋଇଲି,୧୨।୪:** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ରମାନାଥ ସାହୁ ଅଧକ୍ଷତା କରି ମନୋବିଜ୍ଞାନ କିପରି ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମନୋବିଜ୍ଞାନ ମୁଖ୍ୟ ପ୍ରାଧାପକ ଡ. ମୁରଲୀଧର ରଥ ଯୋଗଦେଇ ମନସ୍ତତ୍ତ୍ୱ ବିଜ୍ଞାନର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ପ୍ରାଧାପିକା ଡ.ପ୍ରଗତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ପୁଷ୍ପମିତ୍ରା ବରାଳଙ୍କ ସମେତ ମନାବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

## ବିଜେଡି ନେତାଙ୍କ ପରଲୋକ

**ବାଙ୍କୀ,୧୨।୪(ବି.ପ୍ର.):** ବାଙ୍କୀ-ଡମପଡ଼ା ବ୍ଲକ ଉପାଧକ୍ଷା ରେବତୀ ଜେନାଙ୍କ ସ୍ୱାମୀ ପ୍ରକାଶ କୁମାର ଜେନା(୫୪)ଙ୍କ ସୋମବାର କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସ୍ୱର୍ଗତ ଜେନା ନରଗାଙ୍ଗ ପଞ୍ଚାୟତରେ ଜଣେ ବିଜେଡି ନେତା ହେବା ସହ ସାଙ୍ଗଠନିକ, ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଡମପଡା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ସରଣ୍ଡା ଜୋନ ବିଜେଡି ନେତା ଗତିକୃଷ୍ଣ ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ସୁବାସ ପାଢ଼ୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଖବରକାଗଜ ବିକ୍ରେତାଙ୍କ ପରଲୋକ

**କଟକ ଅଫିସ, ୧୨।୪-** ଖବରକାଗଜ ବିକ୍ରେତା କ୍ଷୀରୋଦ ସାହୁଙ୍କ କଟକ ମହାନ୍ତିପଡ଼ାସ୍ଥିତ ବାସଭବନରେ ସୋମବାର ପରଲୋକ ହୋଇଛି। ତାଙ୍କୁ ୪୦ ବର୍ଷ ହୋଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ୍ୟୁଶଯ୍ୟା



ନିକଟରେ ସ୍ତ୍ରୀ, ପୁଅ, ମାଆବାପା, ସାନଭାଇ, ଦାଦା, ବଡ଼ବାପା ଉପସ୍ଥିତ ଥିଲେ। ଏହି ଖବର ଜଣାପଡିବା ପରେ ସଂଘ ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସାହୁଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସତୀଚଉରାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ସନ୍ତୋଷ ମୁଖାଗ୍ନି ଦେଇଥିଲେ। ଏହାକୁ ନେଇ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ ଶୋକପ୍ରକାଶ କରିଛନ୍ତି।

# ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୁ


@ ବବୁଲ୍


@ ଜସ୍ମିନ୍


@ ସୁଶାନ୍ତ


@ ଜୟନନ୍ଦା


@ ରାଜା


@ ଆଦିତ୍ୟ

# କୋଟିପତି ଗାଡ଼ି ଠକ କୋଲକାତାରୁ ଗିରଫ

■୧୦ ଗାଡି ଜବତ

■୪୪ ମାମଲା, ୩ଥର ଜେଲ୍

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ଓଏଲ୍‌ଏକ୍ସରେ ଗାଡ଼ି ବିକ୍ରି ପାଇଁ ବିଜ୍ଞାପନ ଦେଇ ଲକ୍ଷଲକ୍ଷ ଟଙ୍କା ଠକି ନେଇ କୋଟିପତି ବନିଯାଇଥିଲେ। ଏଭଳି ଜଣେ ଠକଙ୍କୁ ବଡ଼ଗଡ଼ ଥାନା ପୋଲିସ କୋଲକାତାରୁ ଗିରଫ କରିବା ସହ ୧୦ ଦାମୀ ଗାଡ଼ି ଜବତ କରିଛି। ସେ ହେଲେ ଧଉଳି ଥାନା ଗୋପୀନାଥପୁରର ତୃପ୍ତି ରଞ୍ଜନ ଦାସ (୪୬)। ସେ ବାଲିଅନ୍ତା ଥାନା ରଙ୍ଗବଜାରସ୍ଥିତ ଗତିକୃଷ୍ଣ ଗ୍ରୀନ୍ ଆପାର୍ଟମେଣ୍ଟରେ ରହିବା ସହ ଠକେଇ ର୍‍ୟାକେଟ ଚଳାଇଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୪୪ରୁ ଊର୍ଦ୍ଧ୍ୱ ମାମଲା ରହିଥିବାବେଳେ ୩ଥର ଜେଲ୍ ଯାଇଛନ୍ତି। ତାଙ୍କୁ ରିମାଣ୍ଡରେ ଆଣିବା ସହ ଆକାଉଣ୍ଟ ଜବତ କରିବାକୁ ଯୋଜନା କରିଛି। ୫ଲକ୍ଷ ଠକେଇର ଶିକାର ହୋଇଥିବା ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଚିକିଲିର ଗଙ୍ଗାଧର ହରିଜନଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୨୧/୨୧) ରୁଜୁ କରିଥିଲା। ବିଜୟ ବିହାରରେ ଗଣପତି ମୋଟର୍ସ, ବିଘ୍ନରାଜ ମୋଟର୍ସ, ଆଶୀର୍ବାଦ ମୋଟର୍ସ ଓ ଶ୍ରୀ ମୋଟର୍ସ ନାମରେ ପୁରୁଣା ଗାଡି ବ୍ୟବସାୟର ପସରା ମେଲି ଏପରି ଠକେଇ କରୁଥିବା ଜଣାପଡିଥିଲା। ଏହାପରେ ପୋଲିସ ଶ୍ରୀ ମୋଟର୍ସର ବ୍ରହ୍ମେଶ୍ୱର ପାଟଣାସ୍ଥିତ କାର୍ଯ୍ୟାଳୟରେ ପୋଲିସ ଚଢ଼ାଉ କରି ଚୁକ୍ତିପତ୍ର, ଚେକ୍, ଏକାଧିକ ବ୍ୟାଙ୍କ ଡେବିଟ ଓ କ୍ରେଡିଟ କାର୍ଡ ଆଦି ଜବତ କରିଥିଲା।

### ଠକେଇ ଟଙ୍କାରେ ଚଳଚ୍ଚିତ୍ର 'ଦଫା ୩୭୬ ଆଇପିସି'

ତୃପ୍ତି ରଞ୍ଜନଙ୍କ ଠକେଇ ଧନ ଦିନକୁ ଦିନ ବଢୁଥିଲା। ଏହି କଳା ଟଙ୍କାରେ ସେ ୨୦୧୩ରେ ପ୍ରସ୍ତୁତ କରିଥିଲେ ଏକ ଚଳଚ୍ଚିତ୍ର 'ଦଫା ୩୭୬ ଆଇପିସି'। ତୃପ୍ତିରଞ୍ଜନ ଏହି ଚଳଚ୍ଚିତ୍ରର ପ୍ରଯୋଜକ ଥିଲେ। ଚଳଚ୍ଚିତ୍ରର ଶୁଭ ମହୁରତ ସମୟରେ ଚଳଚିତ୍ର ଜଗତର ବହୁ ନାମୀଦାମୀ କଳାକାର ଯୋଗ ଦେଇଥିଲେ। ଏଥିସହିତ ଜଣେ ତତ୍କାଳୀନ ମନ୍ତ୍ରୀ ମଧ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେଣୁ ରାଜନୈତିକ ଛତ୍ରଛାୟା ତଳେ ରହି ତୃପ୍ତି ଠକେଇ ର୍‍ୟାକେଟ ଚଳାଇଥିବା କୁହାଯାଉଛି।

# ଥାଲାସେମିଆ ଡେ କେୟାର ୱାର୍ଡ ନିକଟରେ ଧାରଣା


ଥାଲାସେମିଆ ଡେ କେୟାର ୱାର୍ଡ ନିକଟରେ ରୋଗୀଙ୍କ ଅଭିଭାବକ ଧାରଣାରେ ବସିଛନ୍ତି।

**କଟକ ଅଫିସ, ୧୨।୪**

ଥାଲାସେମିଆ ଡେ କେୟାର ୱାର୍ଡକୁ କେନ୍ଦ୍ରୀୟ ରକ୍ତ ଭଣ୍ଡାରଠାରୁ ଅଲଗା କରାଯିବା ନିଷ୍ପତ୍ତି ପ୍ରତିବାଦରେ ଥାଲାସେମିଆ ରୋଗୀ ଓ ଅଭିଭାବକମାନେ ଉକ୍ତ ୱାର୍ଡ ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ। ଏହାପରେ ସେମାନେ ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ ବ୍ୟାଙ୍କ ନିର୍ଦ୍ଦେଶକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ୧୫ ବର୍ଷ ଧରି ଥାଲାସେମିଆ ଡେ କେୟାର ୱାର୍ଡ କଟକ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ପରିସରରେ ଚାଲୁଛି। ୫୦୦ରୁ ଊର୍ଦ୍ଧ୍ୱ ଥାଲାସେମିଆ ଆକ୍ରାନ୍ତ ସେଠାରେ ରକ୍ତ ଗ୍ରହଣ କରୁଛନ୍ତି। ହେଲେ ଉକ୍ତ ରକ୍ତଭଣ୍ଡାରକୁ ସ୍ଥାନାନ୍ତର କରାଯିବା ସହ ଥାଲାସେମିଆ ୱାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଛି। ଏହି ଦୁଇଟି ଅନୁଷ୍ଠାନକୁ ଅଲଗା କରାଗଲେ ରୋଗୀ ଓ ସେମାନଙ୍କ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ରକ୍ତଭଣ୍ଡାର ସହ ପୂର୍ବଭଳି ୱାର୍ଡକୁ ରଖାଗଲେ ଥାଲାସେମିଆ ଆକ୍ରାନ୍ତମାନେ ସୁବିଧାରେ ରକ୍ତ ପାଇପାରିବେ। ନ୍ୟାଶନାଲ ଥାଲାସେମିଆ ଫୋରମର ସମ୍ପାଦକ ନାରାୟଣ ଜେନାଙ୍କ ନେତୃତ୍ୱରେ ଅଭିଭାବକ ଅଟଳ ବିହାରୀ ଦେବତା, ପି. ମାନସିଂ ପ୍ରମୁଖ ବ୍ଲଡ୍‌ବ୍ୟାଙ୍କ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଦୁର୍ଘଟଣା: ୨ ମୃତ

**କଣ୍ଟାପଡା/ଟାଙ୍ଗୀ (କଟକ)୧୨।୪(ଡି.ଏନ୍.ଏ)**

ଫୁଲନଖରା-ନିଆଳି ରାସ୍ତାର କଣ୍ଟାପଡା ସ୍କୁଲ ଛକରେ ରବିବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡ଼ା ଗ୍ରାମର ମନୋରଞ୍ଜନ ସାହୁ(୪୫)। ଦୁର୍ଘଟଣା ପରେ ବାଇକ୍ ଚାଳକ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଛନ୍ତି। କଣ୍ଟାପଡା ସ୍କୁଲଛକରେ ଚା ଦୋକାନ କରିଥିବା ମନୋରଞ୍ଜନ ରାତି ୮.୩୦ବେଳେ ଦୋକାନ ବନ୍ଦକରି ଚାଲିଚାଲି ଘରକୁ ଫେରୁଥିବା ବେଳେ ବାଇକଟି ପଛପଟୁ ତାଙ୍କୁ ଧକ୍କାଦେଇଥିଲା। ସେହିପରି ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ମଙ୍ଗୁଳି ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରେଲର ପଛକୁ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚୌଦ୍ୱାର ଥାନା କପାଳେଶ୍ୱର ନୂଆସାହିର ତୁଷାର ରଞ୍ଜନ ରାଉତରାୟ। ଅନ୍ୟ ଜଣେ ବାଙ୍କି ବ୍ରହ୍ମପୁରା ଅଞ୍ଚଳର ପ୍ରମୋଦ ମହାରଣା ଗୁରୁତର ଅବସ୍ଥାରେ ଥିବାରୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପୋଲିସ ପଠାଇଛି। ଦୁହେଁ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟରେ ଯୋଗଦେଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ।

# ଧାରଣାରୁ ଓହରିଲେ ନର୍ସିଂ କଲେଜ ଛାତ୍ରୀ

**କଟକ ଅଫିସ,୧୨।୪**

କରୋନା ସ୍ଥିତିକୁନେଇ ହଷ୍ଟେଲ ଖାଲି କରିବାକୁ ନୋଟିସ ପରେ ଏସ୍‌ସିବି ନର୍ସିଂ କଲେଜ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ହଷ୍ଟେଲ ନ ଛାଡିବା ଜିଦ୍‌ରେ କଲେଜ ସମ୍ମୁଖରେ ୨ ଦିନ ଧରି ଧାରଣାରେ ବସିଥିଲେ। ଅଭିଭାବକ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ହଷ୍ଟେଲ ଛାଡିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି ବୋଲି ଛାତ୍ରୀମାନେ କହିଛନ୍ତି। ଏଥିସହ ହଷ୍ଟେଲରେ ଖାଦ୍ୟ, ପାଣି ଓ ବିଦ୍ୟୁତ୍ ସେବା ଯୋଗାଇବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ତ୍ତୃପକ୍ଷ ଏହାର ଆପୋସ ସମାଧାନ କରିବା ପରିବର୍ତ୍ତେ ହଷ୍ଟେଲ୍‌ରୁ ପାଣି ଓ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିବାରୁ ତୁରନ୍ତ ହଷ୍ଟେଲ୍‌ରେ ସ୍ୱାଭାବିକ ପରିସ୍ଥିତି ଫେରାଇ ନ ଆଣିଲେ ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

■ହଷ୍ଟେଲ୍ ପରିସ୍ଥିତି ସ୍ୱାଭାବିକ କରିବାକୁ ଦାବି

## ଦୁର୍ଘଟଣାରେ ବ୍ୟବସାୟୀ ମୃତ

ଅସ୍ତରଙ୍ଗ,(ଡି.ଏନ୍.ଏ.): ଅସ୍ତରଙ୍ଗ ଅଞ୍ଚଳର ବ୍ୟବସାୟୀ ଦୁଷ୍ମନ୍ତ ନାୟକଙ୍କର ରବିବାର ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଅପରାହ୍ନ ୨ଟାରେ ଦୁଷ୍ମନ୍ତ ନିଜ ବାସଭବନରୁ ରାସ୍ତା ଅତିକ୍ରମ କରୁଥିବା ବେଳେ କାକଟପୁର ଆଡୁ ଏକ ବାଇକ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ସେଠାରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ତାଙ୍କ ମରଶରୀର ଅସ୍ତରଙ୍ଗରେ ପହଞ୍ଚିବା ପରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଗ୍ରାମ ଛୁରିଅନାକୁ ନିଆଯାଇଥିଲା।

## ଆଜି କ'ଣ କେଉଁଠି

**ଜଟଣୀ**

- ମା'ଜାଗୁଳାଇଙ୍କ ବ୍ରହ୍ମଚାରିଣୀ ବେଶ, କୁଦିଆରି, ସନ୍ଧ୍ୟା ୬ଟା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨.୦୪.୨୦୨୧

| | |
|---|---|
| ୨, ୨୧, ୦୮୦ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ |
| ରୁପା | ମିଳିନାହିଁ |

# ଭାଜପାକୁ ସବୁବେଳେ ସମର୍ଥନ ଦେଇଆସୁଛି ବିଜେଡି: ଅଠାୱାଲେ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ବିଜେଡି ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାରକୁ ପୂର୍ଣ୍ଣ ସମର୍ଥନ ଦେଇଆସୁଛି। ରାଜ୍ୟ ସଭା ଏବଂ ଲୋକ ସଭାରେ ଏନ୍‌ଡିଏ ସରକାର ଆଣୁଥିବା ବିଲ୍‌କୁ ବିଜେଡି ସବୁବେଳେ ସମର୍ଥନ କରୁଛି। ବିଜେଡି ଯଦି ଏନ୍‌ଡିଏ ସହ ଆସେ ରାଜ୍ୟକୁ ଆହୁରି ଫାଇଦା ମିଳିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଠାୱାଲେ କହିଛନ୍ତି, କୃଷକମାନଙ୍କ ଆନ୍ଦୋଳନକରୁ ନେଇ ଅକାଳୀ ଦଳ ଏନ୍‌ଡିଏଠାରୁ ସମର୍ଥନ ଫେରାଇ ନେଇଛି। ସେହିପରି ପୁରୁଣା ସହଯୋଗୀ ଶିବସେନା ମଧ୍ୟ କଂଗ୍ରେସ ଓ ଏନ୍‌ସିପି ସହ ମିଶି ମହାରାଷ୍ଟ୍ରରେ ସରକାର କରିବା ପରେ ଏନ୍‌ଡିଏଠାରୁ ଦୂରେଇ ଯାଇସାରିଛି। ତେଣୁ ବିଜେଡି ଯଦି ଏନ୍‌ଡିଏ ସହ ମିଶିଯାଏ ଭଲ ହେବ ଏବଂ ଏହା ତାଙ୍କ ବ୍ୟକ୍ତିଗତ ମତ ବୋଲି ଅଠାୱାଲେ କହିଛନ୍ତି।



ଭୁବନେଶ୍ୱର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଓ ଅନ୍ୟମାନେ।

ଅଠାୱାଲେ ଆହୁରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସମସ୍ତ ବ୍ୟକ୍ତି ଅଧିକ ସଂଖ୍ୟାରେ ନିଜର ନିକଟସ୍ଥ ଟିକାଦାନ କେନ୍ଦ୍ରରେ କୋଭିଡ୍ ଟିକା ଗ୍ରହଣ କରିବା ଲାଗି ସେ ନିବେଦନ କରିଛନ୍ତି। ପୂର୍ବରୁ ସତର୍କତା ଓ ସମୟୋଚିତ ପଦକ୍ଷେପ କାରଣରୁ ଆମେ କରୋନା ମହାମାରୀ ବିରୋଧରେ ବିଜୟ ହାସଲ କରିପାରିଥିଲେ। ମାତ୍ର ବର୍ତ୍ତମାନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। କରୋନା ମହାମାରୀ ସତ୍ତ୍ୱେ ଦେଶର ବିକାଶଧାରା ଜାରି ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅଠାୱାଲେ ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି, ୨୦୧୪ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସାରା ଦେଶରେ ୪୨ କୋଟି ୨୦ ଲକ୍ଷ ୬ ହଜାର ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୧,୪୦,୫୫୦.୮୦ କୋଟି ଟଙ୍କା ରହିଛି। ସେହିପରି ଏହି ସମୟରେ ଉକ୍ତ ଯୋଜନାରେ ଓଡ଼ିଶାରେ ୧ କୋଟି ୭୩ ଲକ୍ଷ ୧୭ ହଜାର ଆକାଉଣ୍ଟ ଖୋଲାଯାଇଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ହିସାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆୟୁଷ୍ମାନ ଭାରତ ମାଧ୍ୟମରେ ସାରା ଦେଶରେ ୧ କୋଟି ୭୬ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲାଭାନ୍ୱିତ ହୋଇଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହି ଯୋଜନା ଲାଗୁ କରନ୍ତୁ। ଏହାଦ୍ୱାରା ବହୁ ଗରିବ ଲୋକ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ରାଜ୍ୟ କର୍ମଚାରୀଙ୍କୁ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ସଂରକ୍ଷଣ ନେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଦେଶର ଦଳିତ, ବଞ୍ଚିତ, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସମସ୍ତ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗତ ୬ ବର୍ଷରେ ଦେଶର ବିକାଶଧାରାରେ ପ୍ରତିଫଳିତ ହେଉଛି ବୋଲି ଅଠାୱାଲେ କହିଛନ୍ତି।




ପୁରୀ ବେଳାଭୂମିରେ ସୋମବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଶିରୁଳି, ଦେଉଳପଡ଼ାରେ ୧୪୪ ଧାରା

## ହନୁମାନ ଜୟନ୍ତୀ, ରାମନବମୀ ପାଳନ ନେଇ କଟକଣା

ପୁରୀ ଅଫିସ,୧୨।୪

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଶିରୁଳି ମହାବୀର ମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ନେଇ କଟକଣା ଜାରି ହୋଇଛି। ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ପରିସରକୁ ପ୍ରବେଶ କରିବା ପାଇଁ ଜିଲା ପ୍ରଶାସନ ମନା କରିଥିବାବେଳେ ମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୪୪ ଧାରା ଲାଗୁ କରିଛି। ଏହି କଟକଣା ଆସନ୍ତା ୧୪ ତାରିଖ ଭୋର ୪ଟାରୁ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସେହିପରି ରାମନବମୀ ପାଇଁ ଆସନ୍ତା ୨୧ ତାରିଖ ଭୋର ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ କଟକଣା ଜାରି ହୋଇଛି। ତେବେ ଠାକୁରଙ୍କ ନୀତିକାନ୍ତି ଯଥାବିଧି ହେବ। ମେଳଣରେ ପ୍ରତ୍ୟେକ ଠାକୁରଙ୍କୁ ନେବା ଆଣିବା କରିବା ପାଇଁ ୧୦ ଜଣ ବ୍ୟକ୍ତି ନିୟୋଜିତ ରହିବେ। ଚନ୍ଦନପୁର ଥାନା ଅଧିକାରୀଙ୍କ ସହ ପରାମର୍ଶ କରି ମନ୍ଦିର କମିଟି ପକ୍ଷରୁ ସମ୍ପୃକ୍ତ ସେବାୟତ ଓ ସହଯୋଗୀମାନଙ୍କୁ ପ୍ରବେଶ ଅନୁମତି ପତ୍ର ଦିଆଯିବ। କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଦେଉଳପଡ଼ାସ୍ଥିତ କମଳେଶ୍ୱର ମନ୍ଦିର ପରିସରରେ ମଧ୍ୟ ୧୪୪ ଧାରା ଜାରି କରାଯାଇଛି। ୧୩ ତାରିଖ ସନ୍ଧ୍ୟା ୬ଟାରୁ ୧୬ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ରହିବ। ମେଳଣ ପାଇଁ ଠାକୁରଙ୍କୁ ନେବା ଆଣିବା ଦାୟିତ୍ୱରେ ୧୦ ଜଣ ବ୍ୟକ୍ତି ରହିବେ। ସ୍ଥାନୀୟ ତହସିଲଦାର ସେବାୟତ ଓ ସହଯୋଗୀମାନଙ୍କୁ ପ୍ରବେଶ ଅନୁମତି ପତ୍ର ଦେବେ। ପୁରୀ ଜିଲାରେ କରୋନା ସଂକ୍ରମଣ ବଢୁଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେ କହିଛନ୍ତି, ମହାବିଷୁବ ସଂକ୍ରାନ୍ତିରେ ସମସ୍ତ ଆୟୋଜନ ନିରାଡ଼ମ୍ବର ଭାବେ ପାଳନ କରାଯିବ।

## ସଂକ୍ଷେପରେ

### ନୀଳାଞ୍ଚଳ କ୍ଷୁଦ୍ର ମୋଟର ମାଲିକ ସଂଘର ବିକ୍ଷୋଭ

**ପୁରୀ ଅଫିସ, ୧୨।୪:** ପୁରୀ ଆଞ୍ଚଳିକ ପରିବହନ ବିଭାଗ ବୈମାତୃକ ମନୋଭାବ ପୋଷଣ କରୁଥିବା ନୀଳାଞ୍ଚଳ କ୍ଷୁଦ୍ର ମୋଟର ମାଲିକ ସଂଘ ଅଭିଯୋଗ ଆଣିଛି। ଏହା ପ୍ରତିବାଦରେ ସଂଘ ପକ୍ଷରୁ ସୋମବାର ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ଆର୍‌ଟିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବନ୍ୟା, ବାତ୍ୟା ଓ ନିର୍ବାଚନ ସଂକ୍ରାନ୍ତ ସରକାରୀ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଭଡ଼ାଠାରୁ କମ୍‌ରେ ସଂଘ ଗାଡ଼ି ଯୋଗାଇ ଦେଇଛି। ମାତ୍ର ଏବେ ସଂଘକୁ ଅଣଦେଖା କରି ବାହାର ଗାଡ଼ିକୁ କୋଭିଡ୍ ଡ୍ୟୁଟିରେ ନିୟୋଜିତ କରାଯାଉଛି। ଟଙ୍କା ଦେଲେ ନିର୍ବାଚନରେ ଗାଡ଼ି ନିୟୋଜନ କରାଯିବ ବୋଲି କୁହାଯାଉଛି। ତେବେ କରୋନା ସ୍ଥିତିରେ ହଇରାଣ ହେଉଥିବାବେଳେ ଟଙ୍କା କେଉଁଠୁ ଆଣିବୁ ବୋଲି ସଂଘ କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ପିପିଲି ଉପନିର୍ବାଚନରେ ସଂଘର ଗାଡ଼ି ନିୟୋଜନ ପାଇଁ ଅନୁମତି ଦେବାକୁ ସମ୍ପାଦକ ଜଗମୋହନ ପଣ୍ଡା ଆର୍‌ଟିଓଙ୍କ ନିକଟରେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

### କ୍ଲାସିକାଲ ଡ୍ୟାନ୍ସ ଫେଷ୍ଟିଭାଲ

**ପୁରୀ ଅଫିସ, ୧୨।୪:** ନୃତ୍ୟନିପୁଣା ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ ଆନୁକୂଲ୍ୟରେ ପୁରୀ ଇକୋ ରିଟ୍ରିଟ୍ ସେଣ୍ଟର ପରିସରରେ କ୍ଲାସିକାଲ ଡ୍ୟାନ୍ସ ଫେଷ୍ଟିଭାଲ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କବି ତିଳକ ଆର୍ତ୍ତତ୍ରାଣ ଶତପଥି ଯୋଗଦେଇ ନୃତ୍ୟ ସଙ୍ଗୀତ ଆମ ମନକୁ ପ୍ରଫୁଲ୍ଲିତ କରିବା ସହ ଶାନ୍ତି ଦେଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମର୍ପଣର ସମ୍ପାଦିକା ଜୟନ୍ତୀ ମହାପାତ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଖବରଦାତା ଜଗନ୍ନାଥ ବସ୍ତିଆ, ଓଡ଼ିଶୀ ନୃତ୍ୟ ଗୁରୁ କୃଷ୍ଣ କୁମାର ଦାସ ଏବଂ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ଭାରତ ନାଟ୍ୟମ୍ ଓ କଥକ ଆଦି ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।



ଶ୍ରଦ୍ଧା ଏଜୁକେଶନାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସୋମବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ମେଗା ଟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମିସ୍ ପୁରୀ ଏବଂ ମିସେସ୍ ପୁରୀ ଟାଇଟଲ ବିଜୟିନୀ।

## ଭୁଶୁଡିଲା ନିର୍ମାଣାଧୀନ ଛାତ

ବ୍ରହ୍ମଗିରି,୧୨।୪(ଡି.ଏନ.ଏ)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ନିର୍ମାଣାଧୀନ ଗୃହର ଛାତ ଭୁଶୁଡି ଯିବା ସହ ୫ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅନ୍ତର୍ଗତ ମଣପଡା ପଞ୍ଚାୟତ କାର୍ଯ୍ୟାଳୟ ପରସରରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପାଠାଗାର ଗୃହ ନିର୍ମାଣ ଚାଲିଥିଲା। ଏହି ଗୃହର ସୋମବାର ଛାତ ପଡୁ ଥିବା ସମୟରେ ଏହାର ଛାତ ହଠାତ୍ ଭୁଶୁଡି ପଡିଲା। ଫଳରେ ଏହି କାର୍ଯ୍ୟରେ ନିୟୋଜିତ ୫ ଶ୍ରମିକ ଅଳ୍ପକେ ବଢିଛନ୍ତି । ଏହି କାର୍ଯ୍ୟ ନିମ୍ନ ମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି

ପୁରୀ ଅଫିସ, ୧୨।୪

ଚୈତ୍ର ଅମାବାସ୍ୟା ତିଥିରେ ସୋମବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧.୧୦ରେ ସକାଳଧୂପ ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଯିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ନାରାୟଣଙ୍କୁ ଦେଇଥିଲେ। ମହାଜନ ସେବକ ନାରାୟଣଙ୍କୁ ବଟବୃକ୍ଷ ମୂଳ ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ଅମାବାସ୍ୟା ନାରାୟଣଙ୍କୁ ସମୁଦ୍ରକୂଳକୁ ବିଜେ କରାଯାଇଥିଲା। ସେଠାରେ ପଣା ଭୋଗ ମଣୋହି ପରେ ଆରତି ବନ୍ଦାପନା ସରି ଠାକୁରଙ୍କ ବାହୁଡ଼ା ବିଜେ ନୀତି ହୋଇଥିଲା। ଜମ୍ବେଶ୍ୱର ମନ୍ଦିରରେ ଠାକୁରଙ୍କ ମାଜଣା ନୀତି ପରେ ଶୀତଳଭୋଗ ମଣୋହି କରାଯାଇଥିଲା। ନୀତି ସମ୍ପନ୍ନ ପରେ ଠାକୁର ଶ୍ରୀମନ୍ଦରକୁ ବାହୁଡା ବିଜେ କରିଥିଲେ।

# ସ୍ପୋର୍ଟସ ହଷ୍ଟେଲ, ଶ୍ରୀକ୍ଷେତ୍ର କ୍ଲବ ଚାମ୍ପିୟନ

## ୨ ଦିନିଆ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଗୋପ,୧୨।୪(ଡି.ଏନ୍.ଏ.)

ନାଗପୁର ସ୍ପୋର୍ଟସ କ୍ଲବ ପକ୍ଷରୁ ୨ ଦିନ ଧରି ଚାଲିଥିବା ୮ତମ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟକୁ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିବାବେଳେ ୧୦ଟି ଦଳ ଭାଗ ନେଇଥିଲେ। ପ୍ରଥମ ଦିବସରେ ଭୁବନେଶ୍ୱରର ସ୍ପୋର୍ଟସ ହଷ୍ଟେଲ ରାଉରକେଲାର ରାଇଜିଂ କ୍ଲବକୁ ୨/୦ ସେଟ ରେ ହରାଇ ଚାମ୍ପିୟନ ହୋଇଥିବା ବେଳେ ଚାମ୍ପିୟନ ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ନଗଦ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସ ଫାଇନାଲରେ ପୁରୀର ଶ୍ରୀକ୍ଷେତ୍ର କ୍ଲବ ଓ ଜଟଣୀର ଭଲିବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଶ୍ରୀକ୍ଷେତ୍ର କ୍ଲବ ୨ / ୦ ସେଟ ରେ ଜିତି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ପି ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ଅକ୍ଷୟ ନିଶଙ୍କ, ବନରଞ୍ଜନ ପଟ୍ଟନାୟକ, ଦେବବ୍ରତ ସାହୁ, ସୂର୍ଯ୍ୟ ମହାପାତ୍ର, ଧର୍ମେନ୍ଦ୍ର ପାତ୍ର, ପୁରୀ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ନାଗପୁର ସ୍ପୋର୍ଟ ଉପଦେଷ୍ଟା ଶଦାଶୀବ ଆଚାର୍ଯ୍ୟ, କପିଳେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସର ଶ୍ରୀକ୍ଷେତ୍ର କ୍ଲବକୁ ୩ ହଜାର ଟଙ୍କା ସହ ଟ୍ରଫି ଓ ରନସ ଦଳକୁ ୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଜାତୀୟ ସ୍ତରୀୟ ରେଫରି ବିଦ୍ୟୁତ ଭୂଷଣ ରଥ, ତ୍ରିଲୋଚନ ଦାଶ, ସୁବୋଧ ଜେନା, ନାରାୟଣ ଦାଶ ପରିଚାଳନା କରିଥିଲେ। ଶେଷ ସନ୍ଧ୍ୟାରେ ଗୋପ ବ୍ଲକ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ, ଶିକ୍ଷାବିତ୍, ଉଦୀୟମାନ ଯୁବକମାନଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

DADLS-01



## ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ

ତା.୧୩.୦୪.୨୦୨୧

**ସକାଳ ୮ ଘଟିକା :** ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ ।

**ସନ୍ଧ୍ୟା ୬ ଘଟିକା   ସାଧାରଣ ସଭା   ଜୟଦେବ ଭବନ**

ମୁଖ୍ୟ ଅତିଥି – **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନିତ ଅତିଥି– **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

**ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ ।**
**ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ ।**
Zoom Link : https://us02web.zoom.us/j/87105986093

# ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲେ ଅପରାଜିତା

ପିପିଲି,୧୨।୪(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ଉପନିର୍ବାଚନ ତାରିଖ ସରି ଆସୁଥିବା ବେଳେ ଦଳଗୁଡ଼ିକ ପକ୍ଷରୁ ଜୋରସୋରରେ ପ୍ରଚାର ଜମୁଛି। ନିର୍ବାଚନ ପ୍ରଚାର ମଧ୍ୟରେ ବିଜେଡି–ଭାଜପା ମଧ୍ୟରେ ଟକ୍କର ଚାଲିଥିବାବେଳେ ବଡ଼ ନେତା, ମନ୍ତ୍ରୀମାନେ ଆସି ନିଜ ଦମଦାର ଭାଷଣ ଲୋକ ସମାଗମ କରି ଭୋଟରଙ୍କୁ ନିକଟତର କରୁଛନ୍ତି। ଏହି ତାଲିକାରେ ସୋମାବାର ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଇଦାନକୁ ଓହ୍ଲାଇଛନ୍ତି। ପିପିଲିରେ ସେ ପହଞ୍ଚିବା ପରେ ଏକ ବିରାଟ ରୋଡ୍ ଶୋ ବାହାରିଥିଲା। ଶତାଧିକରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ପ୍ରଥମେ ପିପିଲିର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରୁ ରୋଡ୍ ଶୋ ଆରମ୍ଭ ହୋଇ ପୂର୍ବାଶାସନ, ପମଶରା, ଓରକଳ, ଭାରତୀପୁର, ପାଣିଦୋଳ, କଣ୍ଟି ଓ ଶେଷରେ ହରିରାଜପୁର ପର୍ଯ୍ୟନ୍ତ ଯାଇଥିଲେ। ଏହି ପ୍ରଚାର ସମୟରେ ଶାସକ ଦଳର ଦୀର୍ଘ ଦିନର ଶାସନ ଉପରେ ବର୍ଷିବା ସହ ପିପିଲିରେ ଏଥର ନିଶ୍ଚିତ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି। ଲୋକେ ଏଥର ମୋଦିଜୀଙ୍କ ଦ୍ୱାରା ପିପିଲିର ବିକାଶ ଚାହୁଁଛନ୍ତି ବୋଲି ମତ ଦେଇଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଏହି ପ୍ରଚାର ମଇଦାନରେ ତାଙ୍କ ସହ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଓ ତାଙ୍କ ଶତାଧିକ ସମର୍ଥକମାନେ ଥିଲେ।



ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରଚାର କରୁଛନ୍ତି।




ବିଜେଡିର ମହିଳା ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।

## ରୁଦ୍ରଙ୍କୁ ଭୋଟ ଦେବାକୁ ମହିଳାଙ୍କ ଶପଥ

ପିପିଲି,୧୨।୪(ସ୍ୱ.ପ୍ର.)

ପିପିଲି ବ୍ଲକ ରୁପଦେଈପୁର ପଞ୍ଚାୟତରେ ବିଜୁ ଜନତା ଦଳର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଅଭିନେତା ଆକାଶ ଦାସ ନାୟକ, ବିଜେଡି ମହିଳା ନେତ୍ରୀ ସୋଫିଆ ଆଲାମ, ରୁପଦେଈପୁର ଦାୟିତ୍ୱରେ ଥିବା ଯୁବନେତା ରଞ୍ଜିତ ମହାପାତ୍ର, ସରପଞ୍ଚ ପ୍ରଦୀପ୍ତ ମିଶ୍ରଙ୍କ ସହ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ରହି ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ମହିଳା ସଶକ୍ତୀକରଣ ଓ ମହିଳା ସଂରକ୍ଷଣ ନେଇ ବିଜେଡିର ରଣନୀତି ତଥା ନିଷ୍ପତ୍ତିକୁ ମନେପକାଇ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନେତାମାନେ ଅପିଲ କରିଥିଲେ। ଅନ୍ୟପଟେ ସମାବେଶରେ ଉପସ୍ଥିତ ମହିଳାମାନେ ରୁଦ୍ରଙ୍କୁ ଭୋଟ ଦେବାକୁ ଶପଥ ନେଇଥିଲେ। ତେବେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଖ ପଞ୍ଚାୟତ ହୋଇଥିବାରୁ ରୁପଦେଈପୁର ପଞ୍ଚାୟତକୁ ଫୋକସ କରିଛି ବିଜେଡି। ଯୁବ ସମାବେଶ ପରେ ମହିଳା ସମାବେଶ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଛି ଦଳ। ଗାଁରେ ବୈଠକ ଓ ପଥପ୍ରାନ୍ତ ସଭା କରି ବିଜେଡି ନିଜର ଶକ୍ତି ଯୋଗାଡ କରୁଛି।

## କୋଭିଡ୍ ଟେଷ୍ଟ ଦାବିରେ ଧାରଣା

ଝାଁଳା,(ଡି.ଏନ୍.ଏ.): ମଦନପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ କୋଭିଡ୍ ପରୀକ୍ଷା ଦାବି କରି ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। କଲେଜ କର୍ତ୍ତୃପକ୍ଷ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଝାଁଳା ଅଞ୍ଚଳରେ ଥିବା ଦୁଇଟି ଇଞ୍ଜିନିୟରିଂ କଲେଜରେ କେତେଜଣ ଛାତ୍ରୀଛାତ୍ର ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏନେଇ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡ଼ିଥିଲେ। ଆଗକୁ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ର ସମୂହ କୋଭିଡ୍ ଟେଷ୍ଟ ପାଇଁ ଦାବି କରିଥିଲେ।

**ସଂକ୍ଷେପରେ**

## ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଦରମା ପ୍ରଦାନରେ ଅବହେଳା

ବେଗୁନିଆ,୧୨।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟ କର୍ମଚାରୀମାନେ ପ୍ରଶାସନିକ ଅବହେଳାରୁ ମାର୍ଚ୍ଚ ମାସର ଦରମା ପାଇ ନାହାନ୍ତି। ଏନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସୋମବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ମୁତାବକ, ଏହି ବ୍ଲକର ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୧ଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଟେଣ୍ଡାଣ୍ଟ, ଫାର୍ମାଶିଷ୍ଟ, ସୁଇପର, ଚପରାସୀଙ୍କ ସମେତ ପେନସନ ଭୋଗୀଙ୍କୁ ମିଶାଇ ୧୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସରକାରୀ କାର୍ଯ୍ୟ ତୁଲାଉଛନ୍ତି। ଏମାନଙ୍କୁ କରୋନା ଯୋଦ୍ଧା ଭାବେ ଗଣତି କରାଯାଇଛି। ସରକାରଙ୍କ ନିୟମାନୁସାରେ କୌଣସି କରୋନା ଯୋଦ୍ଧାଙ୍କ ଦରମା ଅଟକିବ ନାହିଁ ବୋଲି ନିର୍ଦ୍ଦେଶନାମା ରହିଛି। ତେବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ସରକାରୀ ଆଇନ୍ ଅବହେଳା କରାଯାଉଛି ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଜିଲାର ଅନ୍ୟ ସମସ୍ତ ଅଞ୍ଚଳର ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ମାର୍ଚ୍ଚ ମାସର ଦରମା ପାଇସାରିଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ରଞ୍ଜନ ପତି କହିଛନ୍ତି, କର୍ମଚାରୀଙ୍କ ଦରମା ମିଳି ନ ଥିବା ଜାଣି ମୁଁ ଦୁଃଖିତ। ଏନେଇ ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ମା’ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ



ଜଟଣୀ,୧୨।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମରେ ମା’ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ସୋମବାର ଆରମ୍ଭ ହୋଇଛି। ପ୍ରାତଃରେ ଭକ୍ତମାନେ ପୁଷ୍କରିଣୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କିରବା ପରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ପ୍ରଥମ ଦିବସରେ ଘଟସ୍ଥାପନ ସହ ସମସ୍ତ ଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ଚଣ୍ଡୀପାଠ, ମହାସ୍ନାନ, ଶୈଳପୁତ୍ରୀ ବେଶ, ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ଆହୁତି ସହ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। କେବଳ ବିଧି ରକ୍ଷା ପାଇଁ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ମା’ଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ରାଧାମୋହନ ପଟ୍ଟନାୟକ, ସମ୍ପାଦକ ଏଲ୍.ଡି. ମହାନ୍ତି କହିଛନ୍ତି। ପଣ୍ଡିତ ମଧୁସୂଦନ ମିଶ୍ର ଚଣ୍ଡୀପାଠ କରିଥିଲେ। ମଙ୍ଗଳବାର ମା’ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ମନୋରଞ୍ଜନ ପଣ୍ଡା କହିଛନ୍ତି।

# ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ

■ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା

■ କୋର୍ସ ସରିନି, ସଂକ୍ରମଣ ଆଶଙ୍କା ରହିଛି

ଖୋର୍ଦ୍ଧା ଅଫିସ,୧୨।୪

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରିଛନ୍ତି। ଅଫ୍‌ଲାଇନ ପରିବର୍ତ୍ତେ ଅନ୍‌ଲାଇନ ପରୀକ୍ଷା ଦାବିରେ ସୋମବାର କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, କରୋନା ସମୟରେ ଅନ୍‌ଲାଇନ ପାଠପଢ଼ା ହେଉଥିଲା। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ ପାଠପଢ଼ା ସରିନାହିଁ। ଆସନ୍ତା ୧୯ତାରିଖରୁ ୩ୟ ସେମିଷ୍ଟର ଅଫ୍‌ଲାଇନ ପରୀକ୍ଷା ଲାଗି କଲେଜ କର୍ତ୍ତୃପକ୍ଷ ନୋଟିସ କରିଛନ୍ତି। ଏହା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଜାରି ରହିଛି। ସଂକ୍ରମଣ ବଢ଼ିବାରେ ଲାଗିଛି। ଖୋର୍ଦ୍ଧା ଜିଲାରେ ଦୈନିକ ସଂକ୍ରମଣ ହାର ୨ଶହ ପାଖାପାଖି ଛୁଇଁଲାଣି। କଲେଜକୁ ବିଭିନ୍ନ ଅଞ୍ଚଳର ପିଲାମାନେ ଆସୁଛନ୍ତି। କଲେଜ ଖୋଲିବା ଦିନଠାରୁ କ୍ଲାସରୁମଗୁଡ଼ିକୁ ନିୟମିତ ଭାବେ ସାନିଟାଇଜ କରାଯାଉ ନାହିଁ। ଅନେକ ସମୟରେ ଅଧ୍ୟାପକମାନେ କ୍ଲାସ କରିବାକୁ ଆସୁନାହାନ୍ତି। କଲେଜରେ କୋଭିଡ୍ ଗାଇଡଲାଇନ ପାଳନ କରାଯାଉନାହିଁ। କଲେଜରେ ପରୀକ୍ଷା ହେଲେ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିକୁ ଅନୁଧ୍ୟାନ କରି ଅଫଲାଇନ ପରିବର୍ତ୍ତେ ଅନ୍‌ଲାଇନ ପରୀକ୍ଷା ଲାଗି ସତ୍ୟରଞ୍ଜନ ମହାପାତ୍ର, ରଶ୍ମିରଞ୍ଜନ ତ୍ରିପାଠୀ, ଶିବ ଶଙ୍କର ଦାଶ, ନିହାର ରଞ୍ଜନ ହରିଚନ୍ଦନ, ରାଜେଶ ପ୍ରଧାନ, ହରପ୍ରିୟା ସାହୁ, ସୁଭଦ୍ରା ବଳିଆରସିଂ, କଲ୍ୟାଣୀ ସାହୁ, ସନ୍ଧ୍ୟାରାଣୀ ବେହେରାଙ୍କ ସମେତ ଏକାଧିକ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ରଞ୍ଜିତା ସେଠୀ କହିଛନ୍ତି, ଅନଲାଇନ ପାଠପଢ଼ା ୯୦ପ୍ରତିଶତ କୋର୍ସ ସରିଛି। କଲେଜରେ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରାଯାଉଛି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ଅଫ୍‌ଲାଇନ ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।



କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀ ଗାଁର ଶିଳ୍ପୀ କଳ୍ପତରୁ ପଣ୍ଡା କୋଭିଡ୍ ଯୋଦ୍ଧାଙ୍କୁ ଚିତ୍ରକଳା ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରୁଛନ୍ତି।

## ରିଂରୋଡ୍ କାର୍ଯ୍ୟ ତଦାରଖ କଲେ ମନ୍ତ୍ରୀ

ବାଲୁଗାଁ,୧୨।୪(ଡି.ଏନ୍.ଏ.)

ସୂଚନା, ଲୋକସମ୍ପର୍କ ଓ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର ଚିଲିକା ପାର୍ଶ୍ୱବର୍ତ୍ତୀ ରିଂରୋଡ୍ କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହ ବାଲୁଗାଁ ମହାବିଦ୍ୟାଳୟଠାରୁ ମୋଟର ବୋଟ ଜେଟି ପର୍ଯ୍ୟନ୍ତ ଏକ ନୂତନ ୱାଟର ପାର୍କ ରାସ୍ତା ନିର୍ମାଣ କରିବା ପାଇଁ ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ କଉଡ଼ିଖେଣି ଛକରେ ବିଜେଡିର ଶତାଧିକ କର୍ମୀ ମନ୍ତ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଜଳସମ୍ପଦ ବିଭାଗ ପକ୍ଷରୁ ୩୬କୋଟି ଟଙ୍କା ବ୍ୟୟରେ ଚିଲିକା ବ୍ଲକ କୁମାଣ୍ଡଳ ପାଟଣାଠାରୁ ବଡ଼କୂଳ ପର୍ଯ୍ୟନ୍ତ ଚିଲିକା ତଟଦେଶରେ ନୂତନ ଭାବେ ଚାଲିଥିବା ରିଂ ରୋଡ କାର୍ଯ୍ୟ ତଦାରଖ କରିଥିଲେ। ଏହି ରୋଡ କାର୍ଯ୍ୟ ପ୍ରାୟ ୮୦ପ୍ରତିଶତ ଶେଷ ହୋଇଥିବା ବେଳେ ଆସନ୍ତା ବର୍ଷ ସୁଦ୍ଧା ଏହାର କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଫଳରେ ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବ। ଏହି ଗସ୍ତ ସମୟରେ ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ, ବିଭାଗୀୟ ଆଞ୍ଚଳିକ ମୁଖ୍ୟ ଅଧିକାରୀ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅଧିକାରୀମାନେ କାର୍ଯ୍ୟ ତଦାରଖ କରୁଛନ୍ତି।

## ମାଟିରେ ମିଶିଲା ୩ ଦୋକାନ ଘର

ଜଟଣୀ,୧୨।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ କୁଦିଆରୀ ବଜାରଠାରୁ ସୀତାରାମଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ତହସିଲଦାର ତପନ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଏବଂ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ୩ଟି ଦୋକାନ ଘର ଉଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା। କୁଦିଆରୀ ବଜାରଠାରେ ପ୍ରଥମେ ବ୍ୟବସାୟ ପ୍ରତିଷ୍ଠାନ ସହ ଗୋଟିଏ ବିଦ୍ୟାଳୟ ଉଚ୍ଛେଦ କରାଯାଇଥିଲା। ତେବେ ସୀତାରାମ ଛକରେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଦୋକାନକୁ ଉଚ୍ଛେଦ କରାଯାଇ ନ ଥିଲା। ଜାନୁୟାରୀ ୧୬ରେ ଜିଲାପାଳଙ୍କ ସମେତ ଅଧିକାରୀମାନେ କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହ ୭ଦିନ ମଧ୍ୟରେ ଉକ୍ତ ସ୍ଥାନ ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ କହିଥିଲେ। ପ୍ରଶାସନକୁ ସହଯୋଗ କରି ୧୪୩ ବ୍ୟବସାୟୀ ସ୍ୱ ଇଚ୍ଛାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନକୁ ୨୨ତାରିଖରେ ନିଜେ ଉଚ୍ଛେଦ କରିଥିଲେ। ତେବେ ଆଉ କେତେକ ଦୋକାନ ଉଚ୍ଛେଦ ହୋଇ ନ ଥିବାରୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା। ବଡବଜାରରେ ଥିବା ୩ ଦୋକାନ ଘର ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଉଚ୍ଛେଦ କାର୍ଯ୍ୟ ହୋଇପାରି ନ ଥିଲା। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୩ ଘର ମାଲିକଙ୍କୁ ଉଚ୍ଛେଦ ନିମନ୍ତେ ନୋଟିସ ଜାରି କରାଯାଇ ୭ଦିନ ମଧ୍ୟରେ ସ୍ଥାନ ଖାଲି କରିବା ପାଇଁ କୁହାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ମହାପାତ୍ର କହିଛନ୍ତି, ଉଭୟ ପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। ଏବେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିବା ସହ ଆସନ୍ତା ଜୁଲାଇ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ମଦ ଜବତ, ୩ ଗିରଫ

ନିମାପଡ଼ା,୧୨।୪(ଡି.ଏନ୍.ଏ.)

ନିମାପଡ଼ା ଓ ପିପିଲି ଅବକାରୀ ବିଭାଗ ପକ୍ଷରୁ ସୋମବାର ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ଼ା, ନଗର, କାଳିଆକଣ, କାକଟପୁର, ବାଜପୁର, ପାଟପୁର, ଓଥକା, ଦହିଖିଆ, ବ୍ଲକ ଅଞ୍ଚଳରେ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୩ ଚୋରା ମଦ ବ୍ୟବସାୟୀଙ୍କଠାରୁ ୩୦ବୋତଲ ଚୋରା ଦେଶୀ ମଦ ଓ ୪୦ବୋତଲ ଚୋରା ବିଦେଶୀ ମଦ ଜବତ କରାଯାଇଛି। ୩ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅସ୍ତରଙ୍ଗ ଥାନା ଅଧୀନ କାଳିଆକଣ ଗ୍ରାମର ଯୋଗେନ୍ଦ୍ର ବେହେରା, କାକଟପୁର ଥାନା ଅଧୀନ ଦହିଖିଆ ଗ୍ରାମର ସୁକାନ୍ତ ସେନାପତି ଓ ବ୍ଲକଛକର ଯୋଗେନ୍ଦ୍ର ବେହେରା। ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ନଂ. ୪, ୫, ୬/୨୧ ପୃଥକ ମାମଲା ରୁଜୁ କରାଯାଇଛି। ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସଆଇ ଯୋଗମାୟା ମଲ୍ଲିକ, ପିପିଲି ଅବକାରୀ ଏସ୍‌ଆଇ ରଙ୍କନିଧି ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନୁ



@ ବବୁଲ୍



@ ଜସ୍ମିନ୍



@ ସୁଶାନ୍ତ



@ ଜୟନନ୍ଦା



@ ରାଜା



@ ଆଦିତ୍ୟ

## ପରୀକ୍ଷା ଘୁଞ୍ଚାଇବା ଦାବିରେ ଧାରଣା

ପୁରୀ ଅଫିସ, ୧୨।୪

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ତୃତୀୟ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବିରେ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଛାତ୍ରୀମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ କହିଛନ୍ତି, ଯୁକ୍ତ ତିନି ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ଅନ୍‌ଲାଇନ କ୍ଲାସ ହୋଇପାରି ନାହିଁ। ଏପରି କି ଅଫଲାଇନ କ୍ଲାସ ସମୟରେ ଅଧିକାଂଶ ଅଧ୍ୟାପିକା, ଅଧ୍ୟାପକ କଲେଜକୁ ଆସି କ୍ଲାସ କରିନାହାନ୍ତି। ଏଭଳି ସ୍ଥଳେ ଆଉ ୧୦ଦିନ ପରେ ତୃତୀୟ ସେମିଷ୍ଟର ପରୀକ୍ଷା ହେବା ପାଇଁ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। କ୍ଲାସ ନ ହୋଇ ଧାର୍ଯ୍ୟ କୋର୍ସ ସରି ନ ଥିବାରୁ ପରୀକ୍ଷା ଦେବା ସମ୍ଭବ ନୁହେଁ। ତେଣୁ ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଖବର ପାଇ କଲେଜ ଅଧ୍ୟକ୍ଷା ଡ. ଅଞ୍ଜନୀ ଶୁକ୍ଳା ଘଟଣାସ୍ଥଳକୁ ଆସି ଧାରଣାରତ ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। କୋଭିଡ ପାଇଁ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ କ୍ଲାସ ହୋଇପାରି ନ ଥିବା କଲେଜ ଅଧ୍ୟକ୍ଷା ସ୍ୱୀକାର କରିଛନ୍ତି। ଛାତ୍ରୀମାନଙ୍କ ଅଭିଯୋଗକୁ ସେ ଗୁରୁତ୍ୱର ସହ ନେଇଛନ୍ତି। ଏ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଅଧ୍ୟକ୍ଷା ଶୁକ୍ଳା ପ୍ରତିଶ୍ରୁତି ଦେଇଛନ୍ତି।





କଲେଜ ଫାଟକ ସମ୍ମୁଖରେ ଛାତ୍ରୀମାନେ ଧାରଣା ଦେଇଛନ୍ତି।

## ପୁରୁଣା ଡିଆର୍‌ଡିଏ କୋଠା ଜବରଦଖଲ ଉଚ୍ଛେଦ ଦାବି

ଖୋର୍ଦ୍ଧା ଅଫିସ,୧୨।୪

ଏକ ଘରୋଇ ଶିକ୍ଷାନୁଷ୍ଠାନ ଅଧୀନରେ ରହିଥିବା ଖୋର୍ଦ୍ଧାର ପୁରୁଣା ଗ୍ରାମ୍ୟ ଉନ୍ନୟନ (ଡିଆର୍‌ଡିଏ) କାର୍ଯ୍ୟାଳୟର କୋଠା ଓ ଜମି ଜବରଦଖଲ ଉଚ୍ଛେଦ ଦାବି ତେଜିବାରେ ଲାଗିଛି। ଏହି କାର୍ଯ୍ୟାଳୟ କୋଠା ଏବଂ ଜମି ଜବରଦଖଲ ମୁକ୍ତ ଦାବିରେ ସୋମବାର ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହି ଜମି ଉକ୍ତ ସଂସ୍ଥାଠାରୁ ଉଚ୍ଛେଦ କରାଯିବା ନେଇ ଦାବି କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ବରୁଣେଇ ପାହାଡ଼ ପାଦଦେଶରେ ୧୯୯୮ମସିହାରେ ମୁକୁନ୍ଦପ୍ରସାଦ ମୌଜା ଖାତା ନଂ.୬୮୭, ପ୍ଲଟ ନଂ.୨୩୨୧ରେ ଏକର ଜମିରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ କୋଠା ନିର୍ମାଣ କରିଥିଲେ। ଏହା ସହରଠାରୁ ଦୂରରେ ଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ଯାହା ସହରବାସୀଙ୍କୁ ବର୍ତ୍ତମାନ ସେବା ଯୋଗାଉଛି। ପୁରୁଣା କାର୍ଯ୍ୟାଳୟରେ ଏକ ତାଲିମ କେନ୍ଦ୍ର କାର୍ଯ୍ୟ ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରେ ବ୍ୟବହାର ଅନୁପଯୋଗୀ କାରଣରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏହାର ସୁଯୋଗ ନେଇ ଏକ ଘରୋଇ ଶିକ୍ଷାନୁଷ୍ଠାନ ପୁରୁଣା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟକୁ ଜବରଦଖଲ କରି ପୁରୁଣା କୋଠାକୁ ମାଟିରେ ମିଶାଇ ନିଜର କୋଠା ନିର୍ମାଣ କରିଛନ୍ତି। ଏଥିସହ ଚାରିପଟେ ପାଚେରି ନିର୍ମାଣ ହୋଇଛି। ସମ୍ପୃକ୍ତ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜବରଦଖଲ ଜମି ଉଚ୍ଛେଦ ଲାଗି ଦାବିରେ ଉଲ୍ଲେଖ ରହିଛି। ପ୍ରଶାସନ ପକ୍ଷରୁ ୭ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଫୋରମ ଆବାହକ ନରେନ୍ଦ୍ର ପୃଷ୍ଟି, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଆଇନଜୀବୀ ଶିଶିର ପରିଡା, ବିଚିତ୍ରା ବଡ଼ଜେନା, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ପଦ୍ମଚରଣ ରାୟ, ବୈକୁଣ୍ଠନାଥ ରାଜଗୁରୁ, ଅବନୀ ଜେନା, ହର ମହାପାତ୍ର, କୃଷ୍ଣଚନ୍ଦ୍ର ଦାଶଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।





ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

## ସରୁନି ରେଳ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ

ନିରାକାରପୁର,୧୨।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ରେଳ ଷ୍ଟେଶନ ପରିସର ଉନ୍ନତୀକରଣ କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇଥିଲେ ମଧ୍ୟ ଏଯାବତ୍ ଶେଷ ହୋଇପାରି ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ନିରାକାରପୁର ରେଳ ପ୍ଲାଟଫର୍ମର ସମ୍ପୂର୍ଣ୍ଣ ଆଲୋକୀକରଣ, ସୁରକ୍ଷା ପାଚେରି, ଅପେକ୍ଷାରତ ବିଶ୍ରାମ ଚେୟାର, ମହିଳାଙ୍କ ନିମନ୍ତେ ପୃଥକ ବିଶ୍ରାମାଗାର, ସଂରକ୍ଷିତ ଟିକେଟ ଗୃହ, କୋଚ୍ ଇଣ୍ଡିକେଶନ ବୋର୍ଡ, ରେଳ ସୁରକ୍ଷା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାଳୟ ଗୃହର କାର୍ଯ୍ୟ ଜାରି ରହିଛି। କୋଭିଡ୍ ଯୋଗୁ ଅଧିକାଂଶ ଟ୍ରେନ ଚଳାଚଳ ବନ୍ଦ ରହିଥିବାରୁ ଷ୍ଟେଶନ ପରିସର ଶୂନ୍‌ଶାନ ରହିଛି। ଷ୍ଟେଶନର ୪ନଂ. ସୁରକ୍ଷା ପାଚେରି କାର୍ଯ୍ୟ ଚାଲିଥିବା ବେଳେ ଠିକାଦାର କିମ୍ବା ବିଭାଗ କର୍ମଚାରୀଙ୍କ ପକ୍ଷରୁ ତଦାରଖ କରାଯାଉନାହିଁ। ଫଳରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ବହୁ ସ୍ଥାନ ଖାଲଖମା ହୋଇରହିଛି। ତୁରନ୍ତ କାର୍ଯ୍ୟ ସାରିବାକୁ ସାଧାରଣରେ ଦାବି ହୋଇଛି।